ପ୍ରେସ୍‌ନୋଟ୍

# ଜିଲ୍ଲା ଏଡସ୍ ପ୍ରତିରୋଧ ଓ ନିୟନ୍ତ୍ରଣ କମିଟି ବୈଠକ ଅନୁଷ୍ଠିତ ।

ଅନୁଗୋଳ,ତା.୮.୮:- ଜିଲ୍ଲାରେ ଏଡସ୍ ଓ HIV ର ଭୟାବହତାକୁ ଦୃଷ୍ଟିରେ ରଖି ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳତାର ସହ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଗତକାଲି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲା ଏଡସ୍ ପ୍ରତିରୋଧ ଓ ନିୟନ୍ତ୍ରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଡସ୍ ଆକ୍ରାନ୍ତମାନଂକୁ ସଠିକ୍ ଭାବେ ଚିକିତ୍ସା ସେବା ଯୋଗାଇ ଦେବା ସହ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର ସୁଫଳ ସେମାନଂକ ନିକଟରେ ପହଂଚାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରେଫ୍ରିଜିରେଟର ରୋଗୀ କଲ୍ୟାଣ ସମିତି ତରଫରୁ ଯୋଗାଇ ଦିଆଯାଇ ମମତା ଦିବସରେ ସିଫିଲିସ୍ ଓ HIV ସ୍କ୍ରିନିଂ ପରିକ୍ଷା କରାଯିବ । ଚଳିତ ମାସରେ ନାଲ୍‌କୋ ଠାରେ HIV ସ୍କ୍ରିନିଂ ଆରମ୍ଭ ହେବ ଏବଂ ଏହି କାର୍ଯ୍ୟକୁ ସୁଚାରୁରୁପେ ପରିଚାଳନା ନିମନ୍ତେ ନାଲ୍‌କୋ ଜିଲ୍ଲା ଏଡସ୍ ପ୍ରତିରୋଧ ଓ ନିୟନ୍ତ୍ରଣ କକ୍ଷରେ ଏକ କମ୍ପ୍ୟୁଟର ଲଗାଇବାକୁ ପ୍ରତିଶୃତି ଦେଇଛନ୍ତି । ଆନ୍ତର୍ଜାତିକ ଯୁବ ଦିବସ ଉପଲକ୍ଷେ ଏକ HIV/ADIS ସଚେତନତା ରଥ ଚଳିତ ମାସ ୧୨ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ବ୍ଲକ୍ ପରିକ୍ରମା କରିବାକୁ ସ୍ଥିର କରାଯାଇଛି । ସିଫିଲିସ୍ ଓ HIV ସ୍କ୍ରିନିଂ ପରିକ୍ଷା ମମତା ଦିବସରେ ହୋଇ ନ ପାରିଲେ ଏହାକୁ ଟୀକାକରଣ ଦିବସରେ କରାଯିବ । ମା ଓ ଶିଶୁ ସଞ୍ଚାରଣର ନିରାକରଣ କମିଟୀ ତୁରନ୍ତ ଗଠନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏଡସ୍ ଓ HIV ଆକ୍ରାନ୍ତଂକୁ ବିଭିନ୍ନ ସରକାରୀ ସୁବିଧା ଓ ଭତ୍ତା ଆଦି ପ୍ରଦାନ ନିମନ୍ତେ ସେମାନଂକ ବ୍ୟାଂକ ଆକାଉଣ୍ଟରେ ସିଧାସଳଖ ଅର୍ଥ ଜମା ହେବ । ବ୍ୟାଂକ ଆକାଉଣ୍ଟ ଖୋଲିବା ନିମନ୍ତେ ସମ୍ପୃକ୍ତ ଆକ୍ରାନ୍ତ ବ୍ୟକ୍ତି ସେମାନଂକର ଏ ଆର ଟି ସେଣ୍ଟରରେ ଆଧାର କାର୍ଡ ଓ ଫଟୋ ଜମା କରିବେ । ଏ ଆର ଟି ସେଣ୍ଟର ଓ ସି ଏସ୍ ସି (Care Support Centre) କୁ ଆସୁଥିବା ଏଡସ୍ ଆକ୍ରାନ୍ତମାନେ ଯେପରି କରୋନା ସଂକ୍ରମଣର ଶିକାର ନ ହୁଅନ୍ତି ସେଥିପାଇଁ ସମସ୍ତ ପ୍ରକାରର ସୁରକ୍ଷା ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଦି ମେଡିକ୍ସ ତରଫରୁ ତୃତୀୟ ଲିଙ୍ଗୀ ମାନଂକର ଆଧାରକାର୍ଡ ପ୍ରସ୍ତୁତି ନିମନ୍ତେ ସହାୟତା ପ୍ରଦାନ କରାଯିବ । ଅନୁଗୋଳରେ ତୃତୀୟ ଲିଙ୍ଗୀମାନଂକର ସଂଖ୍ୟା ଅଧିକ ଥିବାରୁ ସେମାନଂକର ଜୀବିକା ନିର୍ବାହ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାବଲମ୍ବି କରିବା ଉଦ୍ଦେଶ୍ୟରେ OSACS କୁ ପତ୍ର ଲେଖାଯିବ । ସାମ୍ପ୍ରତିକ କୋଭିଡ ସମୟରେ ଏଡସ୍ ଆକ୍ରାନ୍ତମାନଂକ ଯେଉଁ ରାସନ୍ ଆସିଛି ସେଗୁଡିକୁ ତୁରନ୍ତ ବଣ୍ଟନ ନିମନ୍ତେ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବୈଠକର ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ଅଭୟ କୁମାର ଦାଶ

ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଏଡସ୍ ଓ HIV ର ଭୟାବହତା ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ଏଡସ୍ ନିୟନ୍ତ୍ରଣ ଅଧିକାରୀ ଡା.ବିଶ୍ୱ ବିହାରୀ ମହାନ୍ତି ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ଡି ପି ଏମ୍ ଡା. ପ୍ରମିଳା ହୋତା ଏଡସ୍‌ର ସ୍ଥିତି ଓ ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନା କରିଥିଲେ । ୨୦୦୩ ମସିହାରୁ ଆଜି ପର୍ଯ୍ୟନ୍ତ ୪ ଲକ୍ଷ ୯୭ ହଜାର ୮୦୮ ଜଣଙ୍କର କାଉନ୍‌ସେଲିଂ ହୋଇ ୪ ଲକ୍ଷ ୪୧ ହଜାର ୮୦ ଜଣଙ୍କର ଏଚ୍ ଆଇ ଭି ପରିକ୍ଷା ହୋଇଛି ଓ ଏଥିରୁ ୨୦୦୪ ଜଣ ଆକ୍ରାନ୍ତ ବୋଲି ଜଣାପଡିଛି । ART Centre ସିନିୟର ମେଡିକାଲ ଅଫିସର ଡା. ସାଶ୍ୱତ ସାଗର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗର କର୍ମକର୍ତ୍ତାଙ୍କ ସମେତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଶିଳ୍ପ ସଂସ୍ଥାର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

